# ସ୍କୁଲରେ ପ୍ରଣବର ପ୍ରଥମ ଦିନ

ପ୍ରଣବର ଦୁନିଆ



କାହାଣୀ: ନନ୍ଦିନୀ ନାୟର
ଚିତ୍ର: ଦିଲୀପ ଚିଂଚାଲକର

ଏକଲବ୍ୟ

# ପ୍ରଣବର ଦୁନିଆ



ପ୍ରଣବର ଦୁନିଆ



# ସ୍କୁଲରେ ପ୍ରଣବର ପ୍ରଥମ ଦିନ


କାହାଣୀ: ନନ୍ଦିନୀ ନାୟର

ଚିତ୍ର : ଦିଲୀପ ଚିଂଚାଲକର



ଏକଲବ୍ୟ ପ୍ରକାଶନ

# ସ୍କୁଲରେ ପ୍ରଣବର ପ୍ରଥମ ଦିନ

SCHOOLRE PRANABARA PRATHAM DINA

Story: Nandini Nayar
Illustrations: Dileep Chinchalker
Oriya Translation: Ramesh Gumansingh

© Nandini Nayar

This Oriya translation is supported by the Parag initiative of Tata Trusts.

April 2018 / 1500 copies
Reprint: January 2023 / 1000 copies
Reprint: December 2023 / 3500 copies
Paper: 100 gsm Maplitho and 210 gsm Paper board (Cover)
ISBN: 978-81-936759-2-2
Price ₹ 70.00

Published by:
**EKLAVYA FOUNDATION**
Jamnalal Bajaj Parisar
Near Fortune Kasturi, Jatkhedi,
Bhopal - 462 026 (MP)
Phone: +91 755 - 297 7770, 71, 72
www.eklavya.in / books@eklavya.in



Printed at Box Corrugators and Offset Printers, Bhopal, Phone +91 258 7651



ଦିନେ ପ୍ରଣବର ମା ତାକୁ
ସ୍କୁଲକୁ ନେଇକରି ଗଲେ ।



ସେଠାରେ ଅନ୍ୟ ପିଲାମାନେ ଥିଲେ ।
ସେମାନେ ସମସ୍ତେ କାନ୍ଦୁଥିଲେ ।
"ଏମାନେ କାହିଁକି କାନ୍ଦୁଛନ୍ତି ?"
ପ୍ରଣବ ମା'ଙ୍କୁ ପଚାରିଲା ।



"କାହିଁକିନା ସେମାନେ ଜାଣି ନାହାନ୍ତି
ଯେ ସ୍କୁଲରେ କେତେ ମଜା
ହୋଇପାରିବ !" ମା କହିଲେ ।
"କିନ୍ତୁ ତୁ ତ ଏ କଥା ଜାଣିଛୁ !
ହଁ ନା ?"



ପ୍ରଣବ ମୁଣ୍ଡ ହଲାଇ କରି ହଁ କଲା ।
ମା ତାକୁ ସ୍କୁଲ ବିଷୟରେ ସବୁକିଛି
କହି ଦେଇଥିଲେ ।



"ଏଇଥିପାଇଁ ତୁ ତ କାନ୍ଦିବୁ ନାହିଁ, ହଁ କି ନାହିଁ ?"
ମା ପଚାରିଲେ ।
ପ୍ରଣବ ମୁଣ୍ଡ ହଲାଇ ନାହିଁ କଲା ।
ସେ କାନ୍ଦିବା ପିଲା ନୁହେଁ ।



ସେ ମା'ଙ୍କୁ ବାୟ-ବାୟ କଲା ଏବଂ ବୁଲିପଡ଼ି ଅନ୍ୟ ପିଲାମାନଙ୍କୁ ଦେଖିବାକୁ ଲାଗିଲା । ସେମାନେ ସମସ୍ତେ ଜୋର୍‌ରେ କାନ୍ଦୁଥାନ୍ତି, ତାଙ୍କ ଗାଲ ଉପରେ ଲୁହ ବୋହିଯାଉଥାଏ ।



ପ୍ରଣବ ସେମାନଙ୍କୁ କିଛି ସମୟ ପର୍ଯ୍ୟନ୍ତ ଦେଖିଲା। ତାକୁ ଆଶ୍ଚର୍ଯ୍ୟ ଲାଗୁଥାଏ ଯେ ସେମାନଙ୍କ ପାଖରେ କେତେ ଲୁହ ଅଛି । ସେ ଭାବିଲା, ଇଏ କଣ କେବେ ପୂରା ସୁଖିଯିବ। ତା ପରେ ସେମାନେ କେମିତି କାନ୍ଦିବେ ?



ପ୍ରଣବ ପିଲାମାନଙ୍କୁ କାନ୍ଦୁଥିବାର ଦେଖି
ଦେଖି ଥକ୍କି ଗଲା । ସେ ଚାରିଆଡ଼େ
ଚାହିଁଲା, ଦେଖିଲା ଗୋଟିଏ ପିଲା
ଯିଏକି କାନ୍ଦୁନାହିଁ ।



ପ୍ରଣବ ତା ପାଖକୁ ଗଲା ଏବଂ ଟିକେ ହସିଦେଲା । ସେ ପିଲାଟି ମଧ୍ୟ ହସିଦେଲା ।
ତା ପରେ ସେମାନେ ଦୁଇଜଣ ବସିକରି କାନ୍ଦୁଥିବା ପିଲାମାନଙ୍କୁ ଦେଖିବାକୁ ଲାଗିଲେ !






# Pranav's first day at school

One day Pranav's mother took him to school.

There were lots of other children there. They were all crying.
"Why are they crying?" Pranav asked his mother.

"Because they don't know how much fun school can be!" his mother said.
"But you know that, don't you?"

Pranav nodded. Mother had told him all about school.

"And that is why you won't cry, will you?" mother asked. Pranav shook his head. He was not going to cry.

He waved goodbye to his mother and turned to look at his new classmates. They were all crying loudly, tears streaming down their cheeks.

Pranav watched them for a while. He was surprised that they had so many tears. Would these ever dry up, he wondered. And how would they cry after that?

Pranav got tired of watching them. He looked around and saw a boy who was not crying.

Pranav walked to the boy and smiled at him. The boy smiled back. Then both sat down to look at all the other crying children!











**ସ୍କୁଲ ରେ ପ୍ରଣବର ଏଇଟା ପ୍ରଥମ ଦିନ।**
**ସେଠାରେ ବହୁତ ଗୁଡ଼ିଏ ଅନ୍ୟ ପିଲାଥିଲେ ଏବଂ ସେମାନେ ସମସ୍ତେ କାନ୍ଦୁଥିଲେ। ପଢ଼ନ୍ତୁ ଏବଂ ଜାଣନ୍ତୁ କି ଆଗକୁ ସବୁ କଣ ହେଲା...**



**ନନ୍ଦିନୀ ନାୟର** ପ୍ରଣବ ସ୍କୁଲ କୈସା ଗୟା ର ଲେଖିକା ଅଟନ୍ତି। ତାଙ୍କର ବହି ପ୍ରଣବ କି ତସ୍ୱୀର (୨୦୦୫) ଏବଂ ମୈନେ କ୍ୟା ବନାଉଁ? (୨୦୦୬) ତୁଲିକା ରେ ପ୍ରକାଶିତ ହୋଇ ଯାଇଛି। ଭାରତରେ ପ୍ରକାଶିତ ହେବା ପରେ ଦ୍ୱିତୀୟ ବହିଟିର ଇଂରାଜୀ ସଂସ୍କରଣ ୟୁ.କେ., ୟୁ.ଏସ୍.ଏ. ଏବଂ କାନାଡ଼ାରେ ମଧ୍ୟ ପ୍ରକାଶିତ ହୋଇଅଛି। ସେ ଆହୁରି ଅନେକ କାହାଣୀମାନ ମଧ୍ୟ ଲେଖିଛନ୍ତି, ଯାହାକି ଡିମଡିମା, ସକାଳ ଟାଇମ୍ସ, ଦ ହିନ୍ଦୁ, ଟିଂକଲ ଏବଂ ଚିଲ୍ଡ୍ରେନସ୍ ୱାର୍ଲ୍ଡ ରେ ପ୍ରକାଶିତ ହୋଇଛି।

**ଦିଲ୍ଲୀପ ଚିଂଚାଲକର** ଶିକ୍ଷାରେ ବାୟୋକେମିଷ୍ଟ ଅଟନ୍ତି, କିନ୍ତୁ ଆନ୍ତରିକ ପ୍ରେରଣାରେ ସେ ଜଣେ ଲେଖକ। ସେ ଜଣେ ଇଲସ୍ଟ୍ରେଟର ଓ ଡିଜାଇନର୍ ହୋଇଥିବା ସହିତ ଶିକ୍ଷକ, ଚିତ୍ରକାର, ମାଳୀ, ଟ୍ରକ ଡ୍ରାଇଭର ଏବଂ ହିଚ୍‌ହାଇକର ମଧ୍ୟ ଥିଲେ।

ଏକଲବ୍ୟ ପ୍ରକାଶନ

parag
AN INITIATIVE OF TATA TRUSTS

Price ₹ 70.00

9788193675922